# ପଦା ହୋଇଯିବ ତଲେଇପଥର ଜଙ୍ଗଲ

## ଅବାଧରେ ଚାଲିଛି କାଠ ଚାଲାଣ

ବଇଣ୍ଡା,୨୯।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ତଲେଇପଥର ଜଙ୍ଗଲରୁ କାଠ ମାଫିଆମାନେ ଅବାଧ କାଠ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ବନ ବିଭାଗ ପକ୍ଷରୁ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯାଉ ନ ଥିବା ଯୋଗୁ ଜଙ୍ଗଲରୁ ଦୈନିକ ମୂଲ୍ୟବାନ କାଠ ବାହାରକୁ ଚାଲାଣ କରାଯାଉଛି। ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ସ୍ଥାନୀୟ ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଗିରିଦା



ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ବନଖଣ୍ଡରେ ଏହି ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ୧୯୯୦ ମସିହାରେ ରାଜ୍ୟ ସରକାର, ବନ ବିଭାଗ ପକ୍ଷରୁ ମିଳିତ ଭାବେ ଅଧିକ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ପାଇଁ ୧୨ ହଜାର ୯୭୦ ଟି ଶାଳ, ଶାଗୁଆନ, ଶିଶୁ ଭଳି ମୂଲ୍ୟବାନ ଚାରା ଲଗାଯାଇଥିଲା। ଏବେ ସେହି ଚାରାଗୁଡିକ ବଡ ହୋଇଯାଇଥିବା ଯୋଗୁ ଜଙ୍ଗଲ ପୁରା ଘଞ୍ଚ ହୋଇ ରହିଛି। କିନ୍ତୁ ପ୍ରତ୍ୟେକ ଦିନ କାଠ ଚୋରମାନେ ଅବାଧରେ ମୂଲ୍ୟବାନ ଗଛ କାଟି ଚାଲାଣ କରୁଛନ୍ତି। ବିଳମ୍ବିତ ରାତିରେ କଟର ସାହାଯ୍ୟରେ ଗଛଗୁଡିକକୁ କାଟି ଜଙ୍ଗଲରେ ଗୁପ୍ତ ସ୍ଥାନରେ ରଖୁଛନ୍ତି। ପରେ ଏହି ଗଣ୍ଡିଗୁଡିକରୁ ପଟା ପ୍ରସ୍ତୁତ କରି ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି କାଠ ମାଫିଆମାନେ ଏହି କାରବାର କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନବିଭାଗ ପକ୍ଷରୁ ରାତ୍ରି ପାଟ୍ରୋଲିଂ ହେଉ ନ ଥିବା ଯୋଗୁ ନିରାପଦରେ କାଠମାଫିଆମାନେ ଗଛ କାଟୁଛନ୍ତି। ପୂର୍ବରୁ ଗ୍ରାମବାସୀ ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ଏଥିପ୍ରତି ବନ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ ଜଙ୍ଗଲକୁ ସୁରକ୍ଷା ଦିଆଯାଉଛି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ବିଜ୍ଞାନ ବିଷୟକୁ ଗୁରୁତ୍ୱ ଦିଅନ୍ତୁ ଛାତ୍ରୀଛାତ୍ର

ଆଠମଲ୍ଲିକ,୨୯।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଗୁରୁଜୀ ସୁଜିତ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ନିହାରିକା କର୍ଣ୍ଣ, ସମ୍ମାନିତ ଅତିଥି ଭାବରେ ଅଧ୍ୟାପିକା ସ୍ୱାଗତିକା ପ୍ରଧାନ ଯୋଗଦେଇ ବିଜ୍ଞାନ ବିଷୟ ବସ୍ତୁକୁ ଗୁରୁତ୍ୱର ସହ ଅଧ୍ୟୟନ କରି ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଗୁରୁଜୀ ରବୀନ୍ଦ୍ର ଥାଟି, ଅରୁଣ କୁମାର ବଘାର, ଗୁରୁମା ରିଜୁମଣି ତ୍ରିପାଠୀ, ଲିପ୍ସାମୟୀ ଶତପଥୀ, ବବିତା ପାତ୍ର, ସବିତା ମହାକୁଡ ଓ ସ୍କୁଲ ପରିଚାଳନା କମିଟି ସମ୍ପାଦକ ଧ୍ରୁବ ଚରଣ ବଡ଼ମାଳି, ଯୁଗ୍ମ ସମ୍ପାଦକ ବିପିନ ମହାପାତ୍ର, କୋଷାଧ୍ୟକ୍ଷ ଅଶୋକ କୁମାର ମିଶ୍ର, ସଞ୍ଜୟ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପତ୍ରବାଚନ, ପ୍ରଶ୍ନ ମଞ୍ଚ, ପେପର ପ୍ରକଳ୍ପ ପ୍ରଦର୍ଶନ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲ।

# ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ

ପାଲଲହଡ଼ା,୨୯।୨ (ଦିବ୍ୟଜ୍ୟୋତି ଦାଶ)

ରାଜ୍ୟରେ 'ଆମ ବ୍ୟାଙ୍କ' ସେବାର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଥିବା ବେଳେ ଅନୁଗୋଳ ଜିଲା ପାଲଲହଡା ବ୍ଲକରେ ୧୦ଟି ଆମ ବ୍ୟାଙ୍କ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକର ପେଟାମୁଣ୍ଡି ପଞ୍ଚାୟତରେ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ବ୍ୟାଙ୍କକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପାଇଁ ପଞ୍ଚାୟତବାସୀ ହାତ ପାହାନ୍ତାରେ ବ୍ୟାଙ୍କ ସେବା ସୁବିଧାରେ ପାଇପାରବେ ବୋଲି ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ରତ୍ନାକର ରାଉତ, ପୂର୍ବତନ ସରପଞ୍ଚ ଧୁଳିଆ ନାୟକ, ସୁଦର୍ଶନ ନାୟକ, ଦିବାକର ପଲେଇ, ବିଶ୍ୱନାଥ ସାହୁ, ଲକ୍ଷ୍ମଣ ଖିଲାର, ରାଜ କିଶୋର ଗଡ଼ନାୟକ, କୁମୁଦ ବାରିକ, ହେମନ୍ତ ପଲେଇ, ତନ୍ମୟ ବାରିକ, ଧ୍ରୁବ ଗଡ଼ନାୟକ, ନୋଡାଲ ଅଫିସର ଧରଣୀ ସାହୁ, ଜିଆର୍‌ଏସ୍ ପତିତପାବନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ପ୍ରାୟ ୭ ଶହ ଜନସାଧାରଣ ଉପସ୍ଥିତ ଥିଲେ।



# ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ଅନୁଗୋଳ,୨୯।୨(ଅମିତ କୁମାର ସାମଲ)

ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ସୁଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଜ୍ଞାନ ସମ୍ବନ୍ଧୀୟ ବିବିଧ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ଧବିଶ୍ୱାସ ସମ୍ପର୍କିତ ସଚେତନଧର୍ମୀ ନାଟକ ବିଜ୍ଞାନ ପଥେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେହିପରି ଛାତ୍ରୀଛାତ୍ରମାନେ ବୈଜ୍ଞାନିକ ବେଶ ଧରି ବୈଜ୍ଞାନିକଙ୍କ ଜୀବନୀ ସମ୍ବନ୍ଧରେ ବାର୍ତ୍ତା ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସହ ପ୍ରଧାନଆଚାର୍ଯ୍ୟ ବିପ୍ରଚରଣ ଦାଶ, ବିଜ୍ଞାନ ପ୍ରମୁଖ ଶ୍ରୀକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ କରାଯାଇଥିଲା।



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ହାତରେ ବାଣ ଫୁଟି ଯୁବକ ଗୁରୁତର



ଆଠମଲ୍ଲିକ,୨୯।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଥାନା ଅଏଡା ଗ୍ରାମରୁ କନ୍ଦପଡ଼ା ପଞ୍ଚାୟତ ବରଡ଼ାକଟା ଗ୍ରାମକୁ ଯାଇଥିବା ଏକ ବିବାହ ଶୋଭାଯାତ୍ରାରେ ବାଣ ଫୁଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିଲା ବେଳେ ଜନ୍ମ ମାଝି (୩୫)ଙ୍କ ହାତରେ ବାଣ ଫୁଟିଯିବାରୁ ତାଙ୍କ ହାତ ଓ ଆଖିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ଭାଜପାରେ ଯୋଗଦେଲେ ସାମାଜିକ କର୍ମୀ, ଶତାଧିକ ସମର୍ଥକ

ବଇଣ୍ଡା, (ପରିକ୍ଷିତ ସାହୁ)/ ଆଠମଲ୍ଲିକ,୨୯।୨(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସ୍ୱାଭିମାନ ମଞ୍ଚର ସଭାପତି ତଥା ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ଭାଜପାରେ ସାମିଲ ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ଅର୍ଜୁନ ନିଜର ଶତାଧିକ ସମର୍ଥକଙ୍କ ସହ ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସମସ୍ତଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ସାମାଜିକ କର୍ମୀ ଅର୍ଜୁନଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୋଗିନ୍ଦ୍ର ନାଏକ, ପ୍ରଦିପ ସାହୁ, ସୁମନ୍ତ କୁମାର ଭୁକ୍ତା, ପ୍ରକାଶ ଚନ୍ଦ୍ର ସାହୁ, ଭୀମସେନ ମହକୁଦ, ସଞ୍ଜୟ ବେହେରା, ପ୍ରକାଶ ସେଠୀ, ଦେବେନ୍ଦ୍ର କର୍ମୀ, ପ୍ରକାଶ ସାହୁ, ପ୍ରଶ୍ନ ସାହୁ, ହରିହର ସାହୁ ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଅଜିତ ପ୍ରଧାନ, ଅଖିଳ ପ୍ରଧାନ, ଅରବିନ୍ଦ ସାହୁ, ବିଦ୍ୟାଧର ଚିନାରା, ଅନନ୍ତ ବାସୁଦେବ ମହାନ୍ତି, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହେଉଛନ୍ତି ସାମାଜିକ କର୍ମୀ ଓ ସମର୍ଥକ।

# ବିପ୍ଳବ ରାଜ୍ୟ ସାଧାରଣ ସମ୍ପାଦକ, ଦୀନେଶଙ୍କୁ କଳାହାଣ୍ଡି କୋଅର୍ଡିନେଟର ଦାୟିତ୍ୱ





ଅନୁଗୋଳ,୨୯।୨(ଅମିତ ସାମଲ)

ଅନୁଗୋଳ ଜିଲାର ୨ ଜଣ ବିଜେଡି ନେତାଙ୍କୁ ନୂତନ ପଦବୀ ପ୍ରଦାନ କରାଯାଇଛି। ନିକଟରେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ବିପ୍ଳବ ଜେନାଙ୍କୁ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନଙ୍କୁ କଳାହାଣ୍ଡି ଜିଲାର କୋଅର୍ଡିନେଟର ସହ ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଛାତ୍ର ଜନତା ଦଳର ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବା ଶଙ୍ଖ ଭବନ ପକ୍ଷରୁ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# କଳମଛୁଇଁ ଶିଶୁ ମନ୍ଦିରରେ ବିଜ୍ଞାନ ଦିବସ

ତାଳଚେର,୨୯।୨ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଦୁର୍ଯ୍ୟୋଧନ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାଉଥବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଲଲାଟେନ୍ଦୁ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଚତୁର୍ଭୁଜ ସାହୁ, ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଉପସ୍ଥିତ ଥିଲେ। ଏହି ଅବସରରେ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟା ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ କମଳଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ହତ୍ୟା ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡ

ଅନୁଗୋଳ, ୨୯।୨ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମରେ ହୋଇଥିବା ଏକ ହତ୍ୟା ମାମଲାର ଶୁଣାଣି ଶେଷ କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜଲାନ୍ସ କୋର୍ଟ ଅନୁପ ରଞ୍ଜନ ପଟ୍ଟନାୟକ ଅଭିଯୁକ୍ତ କୁମଣ୍ଡ ଗାଁର ପ୍ରହଲ୍ଲାଦ ପରିଡ଼ା(୪୧)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବାବେଳେ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ୨୦୨୧ ମାର୍ଚ୍ଚ ୨୭ରେ କୁମଣ୍ଡ ଅଞ୍ଚଳର ପ୍ରହଲ୍ଲାଦ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ସହ ମାନସିକ ନିର୍ଯାତନା ଦେଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତକ ଭାରତୀ ପରିଡ଼ାଙ୍କ ବାପା ଏକାଦୁଶିଆ ପରିଡ଼ା ଅନୁଗୋଳ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ଝିଅଙ୍କ ଗଳାକୁ ଏକ ପିନ୍ଧା ଲୁଗାରେ ଚାପି ହତ୍ୟା କରାଯାଇଛି। ଏ ନେଇ ପୋଲିସ ନଂ. ୧୭୫/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜଲାନ୍ସ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ମୋଟ ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ପ୍ରହଲ୍ଲାଦଙ୍କୁ ଦୋଷୀ ସାବ୍ୟସ୍ତ କରଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ, ୨୯।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକଳ୍ପ ବିବାଦର ସମାଧାନ ମେକାନିଜିମ୍ ସହିତ ସାର୍ବଜନିକ ଉପଯୋଗିତା ସେବା ପାଇଁ ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା, ବିଭିନ୍ନ ବିବାଦର ସମାଧାନ ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସରକାରୀ ଓକିଲ ପରମାନନ୍ଦ ମିଶ୍ର ଓ ଅନୁଗୋଳ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦୌପଦୀ ପଟେଲଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିକଳ୍ପ ବିବାଦ ସମାଧାନର ବିଭିନ୍ନ ଦିଗ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ସାର୍ବଜନୀନ ସେବା ସମ୍ପର୍କିତ ବିବାଦର ଅପୋଷ ବୁଝାମଣା ମାଧ୍ୟମରେ ସମାଧାନ କିପରି ସ୍ଥାୟୀ ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ ସେ ବିଷୟରେ ସଚେତନ କରାଯାଇଥିଲା।




ଆଇନ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ଭାଜପାର ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ

କଣିହାଁ,୨୯।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଭାଜପାର ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ଶଶିଭୂଷଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ କଣିହାଁ ବ୍ଲକର କର୍ଣ୍ଣପାଳ, ଶିପୁର, ପରାବିଲ, ଗହମ, ସମଲ, ବିରୁକୁନା, ଝୁଲା ଖୁଣ୍ଟିଆ ଗାଁରେ ଘରକୁ ଘର ବୁଲି ଭାଜପା ଗାଁକୁ ଚାଲ ଅଭିଯାନକୁ ଜୋରଦାର କରାଯାଇଛି। ପାଲଲହଡ଼ା ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ଅଭୟ ସାହୁ, ଦୁଷ୍ମନ୍ତ ପ୍ରଧାନ, ଧରଣୀଧର ଗଡ଼ନାୟକ, କମଳଲୋଚନ ଦ୍ୱିବେଦୀ, ଅଗସ୍ତି ପ୍ରଧାନ, ଅଜୟ ସାହୁ, ସୋନୁ ସାହୁ, ବିକାଶ ନହରା, ମୁନା ସାହୁଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଏହି ଅଭିଯାନରେ ସାମିଲ ଥିଲେ।

# ଟିକିରା ନଦୀରେ ବିଜୁ ସେତୁ ଉଦ୍‌ଘାଟିତ



ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

କଣିହାଁ,୨୯।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ନିକଟସ୍ଥ ଗଦାଶିଳା ପଞ୍ଚାୟତ କରଡେଇଠାରେ ଟିକିରା ନଦୀରେ ନବ ନିର୍ମିତ ବିଜୁ ସେତୁ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସରପଞ୍ଚ ବୃନ୍ଦାବନ ପ୍ରଧାନ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସେତୁ ଦ୍ୱାରା ଦଲକ, ତାଳପଦା ପଞ୍ଚାୟତବାସୀ ଏନ୍‌ଟିପିସି ପ୍ରକଳ୍ପ ସହିତ ବ୍ଲକ ତହସିଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବାରେ ୧୫ କିଲୋମିଟର ଦୂରତା କମିବ। ଏହାସହିତ ଗଦଶିଳା, ବିଜିଗୋଳ, କଣିହାଁ, କମରେଇ ସହିତ ଅନ୍ୟାନ୍ୟ ପଞ୍ଚାୟତବାସୀ ଯାତାୟାତରେ ଉପକୃତ ହେବେ ବୋଲି ଉପସ୍ଥିତ ଅତିଥି ଗଣ ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୯କୋଟି ୮୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ସୁ-ଉଚ୍ଚ ପୋଲ ନିର୍ମାଣ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଅଶୋକ କୁମାର ମିଶ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୋନାଲିସା ମହାନ୍ତି, ଗଦାଶିଳା ସମିତି ସଭ୍ୟ ଦିବ୍ୟଜ୍ୟୋତି ସାହୁ, ବିଜେଡି ଯୁବ ସଙ୍ଗଠକ ନିର୍ମଳ ସାହୁ, ସୁନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।







# ନୂତନ ଶିଳ୍ପ ପାଇଁ ପ୍ରଦତ୍ତ ଜମି ପରିଦର୍ଶନ

■ଗଜମରାରେ କଲ୍ୟାଣୀ ଷ୍ଟିଲକୁ ୧୪୭୨ ଏକର ଜାଗା
■ନେଉଳପୋଇରେ ୱାରୀ କମ୍ପାନୀ ପାଇଁ ୧୧୦୦ ଏକର ପ୍ରଦାନ

ଢେଙ୍କାନାଳ,୨୯।୨(ରତନ ନାୟାର)


ୱାରୀ କମ୍ପାନୀ ପାଇଁ ପ୍ରଦତ୍ତ ଜାଗାକୁ ଇଡ୍‌କୋ ଅଧିକାରୀମାନେ ବୁଲି ଦେଖୁଛନ୍ତି।

ଢେଙ୍କାନାଳ ଜିଲାର ସଦର ଉପଖଣ୍ଡସ୍ଥିତ ଗଜମରାରେ କଲ୍ୟାଣୀ ଷ୍ଟିଲ୍ ଓ ଗଁଦିଆ ବ୍ଲକ ନେଉଳପୋଇ ଠାରେ ୱାରୀ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଶିଳ୍ପ ସ୍ଥାପନ କରିବ। ଏଥିପାଇଁ ଉଭୟ କମ୍ପାନୀକୁ ଆବଶ୍ୟକ ଜାଗା ପ୍ରଦାନ କରାଯାଇଥିବା ବେଳେ ଗୁରୁବାର ଭୁବନେଶ୍ୱରସ୍ଥିତ ଇଡ୍‌କୋ ସିଜିଏମ୍ ସରୋଜ କୁମାର ସେଠୀଙ୍କ ନେତୃତ୍ୱରେ ଅତିରିକ୍ତ ସିଜିଏମ୍(ଲ୍ୟାଣ୍ଡ) ହରିଶଚନ୍ଦ୍ର ରାଉତ, ଇଡ୍‌କୋ ଲ୍ୟାଣ୍ଡ ଅଫିସର ମୀନାକ୍ଷୀ ଦାସ, ଡିଷ୍ଟ୍ରିକ୍ଟ ଇନ୍‌ଭେଷ୍ଟମେଣ୍ଟ ପ୍ରମୋଶନାଲ ଏଜେନ୍ସିର ଟିମ୍ ଲିଡର କାହ୍ନୁ ପାଣିଗ୍ରାହୀଙ୍କ ସମେତ ପ୍ରବୋଧ ସ୍ୱାଇଁ ପ୍ରମୁଖ ଶିଳ୍ପ ପ୍ରତିଷ୍ଠା ସ୍ଥାନ ପରିଦର୍ଶନ କରିଛନ୍ତି।

ପ୍ରକାଶ ଯେ, ଢେଙ୍କାନାଳ ପୌରାଞ୍ଚଳ ଓ ସଦର ବ୍ଲକ ମଧ୍ୟରେ ଥିବା ଗଜମରାରେ କଲ୍ୟାଣୀ ଷ୍ଟିଲ ପ୍ରାଇଭେଟ୍ ଲିମିଟେଡର ଶିଳ୍ପ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୪୭୨ ଏକର ଜାଗା ଇଡ୍‌କୋ ପ୍ରଦାନ କରିଛି। ୧୧,୭୫୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ସ୍ଥାପନ ହେବ। ସେହିପରି ଗଁଦିଆ ବ୍ଲକ ନେଉଳପୋଇ ଠାରେ ୱାରୀ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପାଇଁ ୧୧୦୦ ଏକର ଜାଗା ଇଡ୍‌କୋ ପକ୍ଷରୁ ଦିଆଯାଇଛି। ୨୫ ହଜାର କୋଟି ଟଙ୍କା ବ୍ୟୟରେ ଏଠାରେ ୱାରୀ ଇଣ୍ଡଷ୍ଟ୍ରିଜ କାରଖାନା ବସାଇବ। ଇଡ୍‌କୋ ପକ୍ଷରୁ ଦିଆଯାଇଥିବା ଜାଗା ପରିଦର୍ଶନ ପାଇଁ ଆସିଥିବା ଅଧିକାରୀମାନେ ପ୍ରଥମେ ଢେଙ୍କାନାଳ ସର୍କିଟ୍ ହାଉସଠାରେ ପହଞ୍ଚି ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ସହିତ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହାପରେ ଅଧିକାରୀମାନେ ପ୍ରଥମେ ନେଉଳପୋଇସ୍ଥିତ ୱାରୀ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପାଇଁ ପ୍ରଦତ୍ତ ଜମି ପରିଦର୍ଶନ କରିଥିଲେ। ପରେ ଗଜମରା ଏବଂ ପାତ୍ରଭାଗ ଅଞ୍ଚଳରେ କଲ୍ୟାଣୀ ଷ୍ଟିଲ ନିମନ୍ତେ ପ୍ରଦତ୍ତ ଜାଗାକୁ ବୁଲି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା ଉପସ୍ଥିତ ଥିଲେ। କଲ୍ୟାଣୀ ଷ୍ଟିଲ କମ୍ପାନୀ ଭାରତରେ ଏରୋସ୍ପେସ୍ ଓ ପ୍ରତିରକ୍ଷା ପାଇଁ ଆବଶ୍ୟକ ଷ୍ଟିଲ ଉତ୍ପାଦନରେ ଏକ ପ୍ରମୁଖ କମ୍ପାନୀ ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ନେଉଳପୋଇଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ୱାରୀ ସୋଲାର ମ୍ୟାନୁଫାକ୍ଚରିଂ ଇକ୍ୱିପମେଣ୍ଟ ୟୁନିଟ୍ ୧୪ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଉକ୍ତ ଅଞ୍ଚଳର ସରୋଜ ପାଣିଗ୍ରାହୀଙ୍କ ସୂଚନାରୁ ଜଣାପଡିଛି। ପୂର୍ବ ଭାରତରେ ଏହା ସବୁଠାରୁ ବଡ଼ ମ୍ୟାନୁଫାକ୍ଚରିଂ ବ୍ୟବସ୍ଥା ଥିବା କମ୍ପାନୀ ବୋଲି ସୂଚନା ଦିଆଯାଇଛି। ସେହିପରି କଲ୍ୟାଣୀ ଷ୍ଟିଲ ଲିମିଟେଡ୍ ଏଠାରୁ ଟିଟାନିୟମ ମେଟାଲ, ଏରୋସ୍ପେସ୍ ଏବଂ ଅଟୋମେଟିକ୍ କମ୍ପୋନେଟ୍ ଉତ୍ପାଦନ କରିବ ବୋଲି ଜଣାପଡ଼ିଛି। ଏହି କମ୍ପାନୀ ମାଧ୍ୟମରେ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ୨-୧ ସେଟ୍‌ରେ ରାଇପାଳ ଚାମ୍ପିୟନ

ଛେଣ୍ଡିପଦା,୨୯।୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଖମାର ସ୍ପୋର୍ଟସ କ୍ଲବଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଏକଦିବସୀୟ ବ୍ଲକସ୍ତରୀୟ ଭଲିବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଇପାଳ ଭଲିବଲ୍ ଟିମ୍ ଏବଂ ଖାମାର ଭଲିବଲ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୨-୧ ସେଟ୍‌ରେ ରାଇପାଳ ଟିମ୍ ଖମାର ଭଲିବଲ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଖମାର ବରସହି ସରପଞ୍ଚ କ୍ଷୀରୋଦିନୀ ବେହେରା, ସ୍ପୋର୍ଟସ କ୍ଲବ ସଭାପତି ଅଜୟ ବେହେରା ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଛେଣ୍ଡିପଦା ବ୍ଲକ ପ୍ରତିନିଧି ମଳୟ ରଞ୍ଜନ ଦେହୁରୀ, ସମ୍ପାଦକ ସୁବ୍ରତ ସାହୁ ଏବଂ ଲିପୁ ସାହୁ ପରିଚାଳନା କରିଥିଲେ।



## ସିଙ୍ଗାପୁର ଗସ୍ତ ପାଇଁ ପ୍ରଧାନ ଶିକ୍ଷକ ମନୋନୀତ

କାମାକ୍ଷାନଗର,୨୯।୨(ସୁଧୀର ପରିଡ଼ା)



କାମାକ୍ଷାନଗର ବ୍ଲକ କାନପୁରା ସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ସିଙ୍ଗାପୁର ଗସ୍ତରେ ଯିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ତାଙ୍କୁ ମନୋନୀତ କରାଯାଇଛି। ନିକଟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବିଦ୍ୟାଳୟ, ପ୍ରଧାନଶିକ୍ଷକ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚୟନ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠିନଂ.୬୪୦/ଏମ୍‌ଏସ୍‌ଏ/୨୪ ଅନୁଯାୟୀ ରାଜ୍ୟର ୩ ଜଣ ଜିଲା ଶିକ୍ଷା ଅଧିକାରୀ, ୩ ଜଣ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ୩ ଜଣ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ, ୧୦ ଗୋଷ୍ଠୀ ଶିକ୍ଷାଅଧିକାରୀ, ୧୦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ୧୦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସିଙ୍ଗାପୁର ଯିବା ପାଇଁ ସରକାର ମନୋନୀତ କରିଛନ୍ତି। ଉପରୋକ୍ତ ଶିକ୍ଷକ ଓ ଅଧିକାରୀମାନେ ମେ' ମାସ ଶେଷ ସପ୍ତାହରେ ସିଙ୍ଗାପୁର ଗସ୍ତ କରି ସେଠାରେ ୫ ଦିନ ରହି ଶିକ୍ଷା ବ୍ୟବସ୍ଥା ଦେଖିବା ସହ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବେ। ୧୦ ଜଣ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମ ସରକାର ସୁପାରିସ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ଏ ନେଇ ରାଉତ କୁହନ୍ତି,ଏହି ଗସ୍ତ ଶିକ୍ଷା ଗଠନରେ ଆଗକୁ ଯିବାକୁ ସହାୟକ ହେବ।

## ଘର ହିଁ ବିଦ୍ୟାଳୟ ପରିବାର ପ୍ରଶିକ୍ଷଣ

ଓଡ଼ାପଡ଼ା,୨୯।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଧଳପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ମଙ୍ଗଳବାର ଘର ହିଁ ବିଦ୍ୟାଳୟ ପରିବାର ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ସଙ୍କୁଳ ପ୍ରମୁଖ ଘନଶ୍ୟାମ ସାମଲ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପସଭାପତି ସାନନ୍ଦ ନାଏକ, ମୁଖ୍ୟବକ୍ତା ଭାବେ ବିଦ୍ୱତ ପରିଷଦର ସମ୍ପାଦକ ଗିରିଶ ପ୍ରସାଦ ଦାଶ ଯୋଗଦେଇ ଶିଶୁର ଶାରୀରିକ, ମାନସିକ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ପରିଚାଳନା ସମିତି ଶିଶୁ ବାଟିକା ଦାୟିତ୍ୱରେ ଥିବା ସଦସ୍ୟା ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟ, ଅଚାର୍ଯ୍ୟା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ କଳସ ଯାତ୍ରା


ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ କଳସ ଯାତ୍ରା କରାଯାଉଛି।

ଢେଙ୍କାନାଳ,୨୯।୨
(ରତନ ନାୟାର)

ଢେଙ୍କାନାଳ ରାମେଶ୍ୱରପୁରଠାରେ ପ୍ରଥମବର୍ଷ ଅଷ୍ଟପ୍ରହରୀ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଶାସନ ପୁଷ୍କରିଣୀ ଠାରୁ ପୂଜାର୍ଚ୍ଚନା କରାଯାଇ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ କରି କଳସ ଯାତ୍ରା ସହ ସହର ପରିକ୍ରମା କରିଥିଲେ। ଏହାପରେ ଠାକୁରଙ୍କୁ ସ୍ଥାପନ କରାଯାଇ ଅଖଣ୍ଡ ଦୀପ ଓ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ପୂଜକ ଜଗନ୍ନାଥ ତ୍ରିପାଠୀ, କର୍ତ୍ତା ବିଭାସ ଚନ୍ଦ୍ର ପୁହାଣ, ସଭାପତି ସଂଗ୍ରାମ କେଶରୀ ପାଣି, ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ଟିଟୁ ସାହୁ, ଜଗନ ସାହୁ, ଗଣନାଥ ସାହୁ, ବୀରବର ରାଉତ, ଅଶୋକ ସାହୁ, ସୁବ୍ରତ ବେହେରା, ଅଜୟ ନାୟକ, ସୁବ୍ରତ ମହାଖୁଡ, ପ୍ରଶାନ୍ତ ରାଉତ, ସନ୍ଦୀପ ସିଂଙ୍କ ସମେତ ବହୁ ଭକ୍ତ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ବିଜ୍ଞାନ ଦିବସ

ଓଡ଼ାପଡ଼ା,୨୯।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଧଳପୁର ସରସ୍ୱତୀ ଶିଶୁ ମନ୍ଦିରଠାରେ ଅନ୍ତର୍ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଶିଶୁ ବାଟିକା ପ୍ରମୁଖ ସୁଶ୍ରୀ ସୁଚିତ୍ରା ସାମଲ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଲମ୍ବୋଦର ସାହୁ ଯୋଗଦେଇ ଶିଶୁମାନଙ୍କୁ ବିଜ୍ଞାନ ବିଷୟରେ ମାର୍ଗଦର୍ଶନ କରାଇଥିଲେ। ଘନଶ୍ୟାମ ସାମଲ ଉପସ୍ଥିତ ରହି ଶିଶୁମାନଙ୍କୁ ବିଜ୍ଞାନ ବିଷୟରେ ଜ୍ଞାନ ଆରୋହଣ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଧଳପୁର ଶିଶୁ ମନ୍ଦିର ଉପସଭାପତି ସାନନ୍ଦ ଭୋଇ ଯୋଗ ଦେଇଥିଲେ। ଏଥିରେ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ପ୍ରାରମ୍ଭଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ବିଜ୍ଞାନ ନାଟକ, ବୈଜ୍ଞାନିକଙ୍କ ଫୋଟୋ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ୍ ୩୫୦ ଜଣ ଶିଶୁ ଭାଗ ନେଇଥିଲେ।



## ପାଟ୍ରୋଲିଂ ହେଲା କଡ଼ାକଡ଼ି

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହରରେ ଚୋରି ଓ ଲୁଟ୍ ଘଟଣାକୁ ରୋକିବା ପାଇଁ ପୋଲିସ ପାଟ୍ରୋଲିଂକୁ ରାତିରେ କଡ଼ାକଡ଼ି କରାଯାଇଛି। ଏଥିରେ କନଷ୍ଟେବଲ, ହାବିଲଦାର ଓ ଅଧିକାରୀମାନଙ୍କୁ ମଧ ସାମିଲ କରାଯାଇଛି। ଏସ୍‌ପି ମତକର ସନ୍ଦୀପ ସମ୍ପଦ୍‌ଙ୍କ ନିର୍ଦ୍ଦେଶରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ବୁଧବାର ରାତିରେ ଏସ୍‌ପି ନିଜେ ଏହି ବ୍ୟବସ୍ଥାର ତଦାରଖ କରିଥିଲେ। ଅଧିକାରୀମାନେ ପାଟ୍ରୋଲିଂ ଠିକ୍ ଭାବରେ ହେଉଛି କି ନାହିଁ ଏହାକୁ ତଦାରଖ କରିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

# ବିଜ୍ଞାନ ପ୍ରତି ଅଧିକ ଆଗ୍ରହ ରଖ

ଢେଙ୍କାନାଳ,୨୯।୨(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୧୧ନଂ ୱାର୍ଡରେ ଥିବା ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର ବିଜ୍ଞାନ ପ୍ରତି ଅଧିକ ଆଗ୍ରହ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ ପିଲାଙ୍କ ମଧ୍ୟରେ ଥିବା ସୁପ୍ତଶକ୍ତି ଜାଗ୍ରତ ହେଲେ ସେମାନେ ଦିନେ ଗାଲିଲିଓ ଏବଂ ଆଇନଷ୍ଟାଇନଙ୍କ ଭଳି ବୈଜ୍ଞାନିକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସରଳା ସାହୁ କୁଇଜ୍ ପ୍ରତିଯୋଗିତା ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତାରେ ୯ମ ଶ୍ରେଣୀ ଛାତ୍ର ଅବିନାଶ ସାମଲ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ। ଏଥିସହିତ ବକ୍ତୃତା ପ୍ରତିଯୋଗିତାରେ ଅବିନାଶ ସାମଲ ପ୍ରଥମ, ବବୁଲ ପ୍ରଧାନ ଦ୍ୱିତୀୟ, ସୋନାଲି ଦେହୁରୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସରଳା ସାହୁ ପରିବେଶ ଉପରେ କବିତା ପାଠ କରିଥିଲେ।



ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ ଦିବସ ପାଳିତ।

# ପାଚିକା ସହାୟିକା ସଂଘର ଶୋଭାଯାତ୍ରା




ପାଚିକା ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶୋଭାଯାତ୍ରା କରାଯାଉଛି।

ଢେଙ୍କାନାଳ,୨୯।୨(ରତନ ନାୟାର)

ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଏକ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ସ୍ଥାନୀୟ ଟାଉନ୍ ହଲ୍‌ଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଯାଇଥିଲା। ସେଠାରେ ବିକ୍ଷୋଭ ସଭାରେ ରାଜ୍ୟ ସରକାର ପାଚିକାମାନଙ୍କୁ ଅଣଦେଖା କରିଥିବା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଦୀର୍ଘ ୫ ବର୍ଷ ପରେ ୬ଶହ ଟଙ୍କା ଦେଇ ପାଚିକା ସହାୟିକାମାନଙ୍କୁ ଉପହାସ କରାଯାଉଛି ବୋଲି ସଂଘ ସଭାପତି ରବି ରଥ କହିଥିଲେ। ଏଥିସହ ସରକାର ଏହାର ପୁନର୍ବିଚାର କରନ୍ତୁ ବୋଲି ସଭାପତି ନିବେଦନ କରିଥିଲେ। ତାମିଲ୍‌ନାଡୁ, ହରିୟାଣା, କେରଳ ଆଦି ରାଜ୍ୟ ପାଚିକା ସହାୟିକାମାନଙ୍କ ମଜୁରି ବୃଦ୍ଧି କରିବା ସହିତ ଶ୍ରମିକର ମାନ୍ୟତା ଦେଇଥିବା ବେଳେ ଓଡ଼ିଶା ସରକାର ସେମାନଙ୍କ ପାଇଁ ଆଖିବୁଜି ଦେଇଛନ୍ତି। ପାଚିକାମାନଙ୍କୁ ନିଯୁକ୍ତି, ସର୍ବନିମ୍ନ ମଜୁରି, ୧୦ ମାସ ବଦଳରେ ୧୨ ମାସର ପାରିଶ୍ରମିକ, ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ସୁବିଧା ପାଚିକାମାନଙ୍କୁ ଦେବା, ଅବସର ପରେ ପେନ୍‌ସନ୍, ଗତ ୨୦୨୨ ମସିହାରେ ଖରାଦିନ ଛୁଟିରେ କାମ କରିଥିବା ଦୃଷ୍ଟିରୁ ୨ ମାସର ମଜୁରି ଆଦି ୧୨ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥଲା। ସମ୍ପାଦିକା ଭାରତୀ ଦାସ, ରଞ୍ଜିତା ସାହୁ, ଶାନ୍ତିପ୍ରିୟା ସାହୁ, ସୁଷମା ଦାଶ, ରୀନା ରାଉତ, ରଶ୍ମିତା ଦେହୁରୀ, ଶୁଭାସିନୀ ବେହେରା ଦାବିପତ୍ର ସମୟରେ ଉପସ୍ଥିତ ଥିବା ବେଳେ ବିକେଏମ୍‌ୟୁ ନେତା ପ୍ରଫୁଲ୍ଲ ନାଏକ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଭଲ ମଣିଷ ହୋଇ ସଫଳତା ପାଅ

ଢେଙ୍କାନାଳ,୨୯।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶୋରିଷିଆପଦା ପଞ୍ଚାୟତର ମହିଷାକଡ଼ା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ବେହେରାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଶାନ୍ତ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରଦୀପ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ସଭାପତି ହରିହର ସାହୁ ପ୍ରମୁଖ ଯୋଗଦେଇ ଜଣେ ଭଲ ମଣିଷ ହେବା ସହିତ ସଫଳତା ପାଇଁ ସ୍ୱପ୍ନ ଦେଖିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗୋପାଳଚନ୍ଦ୍ର ନାୟକ, ଶୋରିଷିଆପଦା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ମହାଳିକ, ପରିଚାଳନା ପରିଷଦ ସଭାପତି ଦୟାନିଧି ଖଟୁଆ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।




ମହିଷାକଡ଼ା ସେବାଶ୍ରମର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

# ସ୍ୱାମୀ ମଧୁମଙ୍ଗଳ ମହାରାଜାଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ,୨୯।୨(ରତନ ନାୟାର)

ଢେଙ୍କାନାଳ ଗସ୍ତରେ ଆସିଥିବା ସ୍ୱାମୀ ମଧୁ ମଙ୍ଗଳ ମହାରାଜାଙ୍କୁ ଗୁରୁବାର ଢେଙ୍କାନାଳ ରେଳଷ୍ଟେଶନଠାରେ ସ୍ୱାଗତ କରାଯାଇଛି। ସମସ୍ତ କୃଷ୍ଣପ୍ରେମୀ ଢେଙ୍କାନାଳ ରେଳ ଷ୍ଟେଶନରେ ଉପସ୍ଥିତ ରହି ପୁଷ୍ପମାଲ୍ୟ ଦେଇ ବନ୍ଦାପନା କରି ସ୍ୱାମୀ ମଧୁମଙ୍ଗଳଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ, ଭୁବନ ବ୍ଲକ ମଠକରଗୋଳା ପଞ୍ଚାୟତ ନୂଆସାହିର ସ୍ୱର୍ଗତ ଭରତ ପରିଡ଼ାଙ୍କ ସୁପୁତ୍ର ମଦନମୋହନ ପରିଡ଼ା ୨୦୦୩ରୁ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜାଙ୍କଠାରୁ ବୈଷ୍ଣବ ଦିକ୍ଷା ଗ୍ରହଣ କରି ମଧୁ ମଙ୍ଗଳ ନାମରେ ପରିଚିତ ହୋଇଛନ୍ତି। ବୃନ୍ଦାବନ ଧାମ ରାଧାକୁଣ୍ଡ ନିବାସ ମଣିପୁର ଗୋପାଳ ମନ୍ଦିର ଭିତରେ ଥିବା ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ ଗୁରୁ ମହାରାଜାଙ୍କ ସମାଧି ପୀଠରୁ ସନ୍ନ୍ୟାସୀ ଦଣ୍ଡରୂପ ଧାରଣ ଦିକ୍ଷା ପ୍ରାପ୍ତି ହୋଇଛନ୍ତି। ସ୍ୱାମୀ ମଧୁମଙ୍ଗଳ ମହାରାଜାଙ୍କୁ ରେଳଷ୍ଟେଶନଠାରେ ଯୁଧିଷ୍ଠିର ସାହୁ, ଜ୍ୟୋତି ପ୍ରକାଶ ସାହୁ, ଆଶିଷ ମିଶ୍ର, ମନୋରଞ୍ଜନ ସ୍ୱାଇଁ, ସାଧୁ ଶୁକଦେବ ମହାରାଜ, ସାଧୁ ଦାମୋଦର ମହାରାଜ,ସାଧୁ ସର୍ବେଶ୍ୱର ମହାରାଜ, ଢେଙ୍କାନାଳ ସହର ଓ ମଠକରଗୋଳା ଗ୍ରାମର କୃଷ୍ଣପ୍ରେମୀ ଭକ୍ତ ବୃନ୍ଦ ସ୍ୱାଗତ କରିଥିଲେ।



ସ୍ୱାମୀ ମଧୁମଙ୍ଗଳ ମହାରାଜାଙ୍କୁ ସ୍ୱାଗତ କରାଯାଉଛି।

# ଏନ୍‌ଏସି ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ

ରାସୋଲ,୨୯।୨(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଲକୁ ଏନ୍‌ଏସି ଘୋଷଣା ଦାବିରେ ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଫଳରେ ରାସୋଲ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିବା ସହ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ରାସୋଲ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ରଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଏନ୍‌ଏସି ପାଇଁ ରାସୋଲ ସମସ୍ତ ନିୟମାବଳୀ ପୂରଣ କରୁଥିବାରୁ ରାସୋଲକୁ ଏନଏସି ଘୋଷଣା କରିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି। ଜୁଲାଇ ୨୩ରେ ୫-ଟି ଅଧକ୍ଷଙ୍କ ରାସୋଲ ଗସ୍ତବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ଏ ନେଇ ଏକ ଦାବିପତ୍ର ଦିଆଯାଇଥିଲା। ସେହିପରି ଗତ ୨୬ ତାରିଖରେ ବିଭିନ୍ନ ସଙ୍ଗଠନ ଏବଂ ବଜାର କମିଟି, ବୁଦ୍ଧିଜୀବୀ ଓ ରାଜନେତାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲାପାଳ, ହିନ୍ଦୋଳ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୩ଦିନ ମଧ୍ୟରେ ଏ ନେଇ ପଦକ୍ଷେପ ନିଆ ନ ଗଲେ ରାସୋଲ ବନ୍ଦ ଚେତାବନୀ ଦିଆଯାଇଥିଲା। ହେଲେ ସରକାର ନ ଶୁଣିବାରୁ ୨୯ ତାରିଖରେ ରାସୋଲରେ ବନ୍ଦ ପାଳନ କରାଯାଇଥିଲା। ଆଗାମୀ ଦିନରେ ଏହି ଦାବି ନେଇ ଅନଶନ ଓ ଧାରଣା ପ୍ରଦାନ କରାଯିବ ବୋଲି ରାସୋଲ ବିକାଶ ପରିଷଦ ସଭାପତି ପୂର୍ବତନ ବିଧାୟକ ମହେଶ୍ୱର ନାଏକ ସୂଚନା ଦେଇଛନ୍ତି । ତେବେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ବୁଝାଶୁଝା କରିବା ପରେ ମଧ୍ୟାହ୍ନ ୧୨ଟା ବେଳକୁ ରାସ୍ତାରୋକୋ ହଟିଥିଲା।




ରାସୋଲରେ ବନ୍ଦ ପାଳନ କରାଯାଉଛି।

# କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ଅଧୀନରେ ରହୁ ଢେଙ୍କାନାଳ

ଢେଙ୍କାନାଳ,୨୯।୨(ରତନ ନାୟାର)

ଢେଙ୍କାନାଳ ଜିଲାକୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧୀନରେ ରଖାଯିବା ପାଇଁ ଜିଲାବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱରସ୍ଥିତ ଢେଙ୍କାନାଳ କଲଚରାଲ ଆସୋସିଏଶନ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ, ଢେଙ୍କାନାଳ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ରଙ୍କ ସମେତ କେତେଜଣ ବ୍ୟକ୍ତି ଏହି ଦାବି କରିଛନ୍ତି।

ସେମାନେ ଦର୍ଶାଇଛନ୍ତି, ଢେଙ୍କାନାଳ ଜିଲା ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧୀନରେ ରହିଛି। ଓଡ଼ିଶାର କେନ୍ଦ୍ରସ୍ଥଳରେ ଢେଙ୍କାନାଳ ଜିଲା ଅବସ୍ଥିତ ଥିବା ବେଳେ ଏହାର ସଦର ମହକୁମାରୁ ସମ୍ବଲପୁରର ଦୂରତ୍ୱ ୨୨୦ କିଲୋମିଟର ଓ କଟକର ଦୂରତ୍ୱ ୫୪ କିଲୋମିଟର। ଫଳରେ ରାଜସ୍ୱ ଏବଂ ଜମିଜମା ସମ୍ପର୍କିତ କୌଣସି କାର୍ଯ୍ୟରେ ଢେଙ୍କାନାଳ ଜିଲାବାସୀଙ୍କୁ ୨୨୦ କିଲୋମିଟର ଦୂରରେ ଥିବା ସମ୍ବଲପୁରସ୍ଥିତ ଉତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ପଡୁଛି। ଫଳରେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗୋଟିଏ ଦିନରେ କାର୍ଯ୍ୟ ନ ହେଲେ ସେଠାରେ ଅଟକିବାକୁ ମଧ ପଡୁଛି । କୌଣସି କାମରେ ଅଧିକଥର ଯିବାକୁ ପଡିଲେ ଲୋକମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। କିନ୍ତୁ ଢେଙ୍କାନାଳରୁ କଟକର ଦୂରତ୍ୱ ମାତ୍ର ୫୪ କିଲୋମିଟର ହୋଇଥିବାରୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧୀନରେ ଢେଙ୍କାନାଳ ଜିଲାକୁ ଅନ୍ତର୍ଭୁକ୍ତ କରାଗଲେ ଜିଲାବାସୀଙ୍କ ସମସ୍ୟା ଦୂର ହୋଇପାରିବ ବୋଲି କୁହାଯାଇଛି।

# କୁରୁମଟାଙ୍ଗରେ ଅଷ୍ଟପ୍ରହର ନାମଯଜ୍ଞ



ଅଷ୍ଟପ୍ରହର ନାମଯଜ୍ଞରେ ଏମ୍‌ପି ମହେଶ ସାହୁଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ,୨୯।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବଳଦିଆବନ୍ଧ ପଞ୍ଚାୟତର କୁରୁମଟାଙ୍ଗ ଗ୍ରାମରେ ଚଳିତ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୨୬ ତାରିଖରେ କଳସ ଯାତ୍ରା ସହିତ ସନ୍ଧ୍ୟାରେ ଅଧିବାସ ଓ ଅଖଣ୍ଡଦୀପ ସ୍ଥାପନ କରାଯାଇଥିଲା। ୨୭ ତାରିଖ ପ୍ରତ୍ୟୁଷରୁ ନାମ ସଂକୀର୍ତ୍ତନ ହୋଇ ଅହୋରାତ୍ର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିନାମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସମେତ ଏମ୍‌ପିଙ୍କ ପ୍ରତିନିଧି ମାତୃପ୍ରସାଦ ମିଶ୍ର, ବରିଷ୍ଠ ବିଜେଡି ନେତା ପ୍ରତାପ ଦାସ, ମହିଳା ନେତ୍ରୀ ତିଳୋତ୍ତମା ଚୌଧୁରୀ, ଅନନ୍ଦିତା ମିଶ୍ର, ସଞ୍ଜୟ ରାଉତ, ସଦାଶିବ ମହାପାତ୍ର ଯୋଗ ଦେଇଥିଲେ। ଗ୍ରାମ ସଭାପତି ବିଚିତ୍ରାନନ୍ଦ ରାଉତ, ପଦ୍ମନାଭ ମହାନ୍ତି, ପ୍ରମୋଦ ସାମଲ, ବଂଶୀଧର ସାମଲ, ବେଣୁଧର ପରିଡ଼ା, ଗିରିଶ ପ୍ରଧାନ, ବୁଦ୍ଧିମନ୍ତ ସାମଲ, ବାଙ୍କନିଧି ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୩୭ତମ ଭାଗବତ ପାରାୟଣ

ଢେଙ୍କାନାଳ,୨୯।୨(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତ ଭାଗବତ ପାରାୟଣର ୩୭ତମ ଭାଗବତ ପାରାୟଣ ଗତ ୨୬ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ମାର୍ଚ୍ଚ ୪ ତାରିଖରେ ଶେଷ ହେବ । ପ୍ରବଚକ ଭାବେ ଶରଣକୁଳର ପଣ୍ଡିତ ସମ୍ବିତ କୁମାର ଜେନା ଯୋଗଦେଇ ପ୍ରବଚନ ପ୍ରଦାନ କରୁଛନ୍ତି। ସମିତି ସଭାପତି ନବ କିଶୋର ବିଶ୍ୱାଳ, ଉପସଭାପତି ଶରତ କୁମାର ଦାସ, ସମ୍ପାଦକ ସର୍ବେଶ୍ୱର ବିଶ୍ୱାଳ, ସହସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, କୋଷାଧ୍ୟକ୍ଷ ଉମେଶ କୁମାର ମିଶ୍ର, ବରିଷ୍ଠ ସଭ୍ୟ ଅପର୍ତ୍ତି ନାୟକ, କେଦାରନାଥ ଜେନା, ଶ୍ୟାମସୁନ୍ଦର ରଣା ଓ ସମିତିର ସମସ୍ତ ସଭ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପାଦିତ ହେଉଛି। ଆସନ୍ତା ୪ ତାରିଖ ସୋମବାର ଅପରାହ୍ନ ୧ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାତ୍ର ୮ ଘଟିକାରୁ ହରିହାଟ ପ୍ରସାଦସେବନ କରାଯିବ ବୋଲି ସୂଚନା ଦିଆଯାଇଛି।



ଭାଗବତ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ।

# ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା

ଢେଙ୍କାନାଳ,୨୯।୨(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ଗଜମରା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ୨୯ ତାରିଖରେ ଅଧିବାସ ହୋଇଥିବା ବେଳେ ମାର୍ଚ୍ଚ ୧ରେ ନାମଯଜ୍ଞ ଓ ୨ରେ ନଗର ଭ୍ରମଣ ଅନୁଷ୍ଠିତ ହେବ। ସ୍ଥାନୀୟ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ୧ ତାରିଖ ସନ୍ଧ୍ୟାରେ ପ୍ରସାଦସେବନ ଆୟୋଜନ କରାଯିବ। ପୂଜକ ସୁଦର୍ଶନ ଦାସ ଓ କର୍ତ୍ତା ଶିବାନନ୍ଦ ସ୍ୱାଇଁଙ୍କ ଦ୍ୱାରା ସମସ୍ତ ପୂଜାକାର୍ଯ୍ୟ ସମାପନ କରାଯିବ। ଏହି ଅଷ୍ଟପ୍ରହର ନାମଯଜ୍ଞରେ ସଭାପତି ଶିବରାମ ସ୍ୱାଇଁ, ସମ୍ପାଦକ ବିପିନି ବିହାରୀ ସ୍ୱାଇଁ ଓ ଗଜମରା ଗ୍ରାମବାସୀ ସହାୟତା କରୁଛନ୍ତି।



ଗଜମରାରେ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କାମାକ୍ଷାନଗର,୨୯।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା ମହାବିରୋଡ ଥାନା ଗଡପଳାଶୁଣୀ ନିକଟରେ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାରେ ନିର୍ମାଣ ପାଇଁ ରଖାଯାଇଥିବା ମେଷ୍ଟାଲ ଉପରେ ଏକ ବାଇକ୍ ଭାରସାମ୍ୟ ହରାଇ ଚଢିଯିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଙ୍କଡାହାଡ଼ ଥାନା ରୁପାବେଡା ଗ୍ରାମର ଦୁଃଶାସନ ସାହୁ। ଗୁରୁତର ହେଲେ ବସନ୍ତପୁରର ପଙ୍କଜ କୁମାର ଦାସ। ଉଭୟ ଏକ ବାଇକ୍‌ରେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଉଭୟଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁଃଶାସନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମହାବିରୋଡ ପୋଲିସ ପହଞ୍ଚି ତଦନ୍ତ କରୁଥିବା ଥାନା ଅଧିକାରୀ ଅନାଦି ପଟାୟତ କହିଛନ୍ତି।

# ଚକ୍ଷୁ ଚିକିତ୍ସା ସେବା ପାଇଁ ଭ୍ରାମ୍ୟମାଣ ଯାନ ପ୍ରଦାନ




ଚକ୍ଷୁ ଚିକିତ୍ସା ସେବା ପାଇଁ ଭ୍ରାମ୍ୟମାଣ ଯାନ ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୯।୨(ରତନ ନାୟାର)

ଭାରତୀୟ ଜୀବନ ବୀମା ନିଗମ ଗୋଲ୍‌ଡେନ୍ ଜୁବୁଲି ଫାଉଣ୍ଡେଶନ କଟକ ମଣ୍ଡଳ ସହାୟତାରେ ଗୁରୁବାର ୧୪ ସିଟ୍ ବିଶିଷ୍ଟ ଏକ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଗାଡିକୁ କଟକ ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ, କଳିଙ୍ଗ ଚକ୍ଷୁ ହସ୍ପିଟାଲ, ଢେଙ୍କାନାଳର ସହ ନିର୍ଦ୍ଦେଶକ ଧୀରେନ୍ଦ୍ର କୁମାର ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ନିର୍ମଳେନ୍ଦୁ ନାୟକ, ସେଲସ୍ ମ୍ୟାନେଜେର ବିଜୟ କୁମାର ପଣ୍ଡା, ପ୍ରବନ୍ଧକ ସଞ୍ଜୀବ କୁମାର ସ୍ୱାଇଁ, ସହଶାଖା ପ୍ରବନ୍ଧକ ଢେଙ୍କାନାଳ, ମୁଖ୍ୟ ପ୍ରବନ୍ଧକ ପି. ସୁଜିତ୍ କୁମାର, ଉପ ନିର୍ଦ୍ଦେଶକ କଳିଙ୍ଗ ଚକ୍ଷୁ ହସ୍ପିଟାଲ ସୁନୀଲ୍ କୁମାର ମିଶ୍ରଙ୍କ ସମେତ ଭାରତୀୟ ଜୀବନ ବୀମା ନିଗମ, କଟକ ମଣ୍ଡଳ, ଢେଙ୍କାନାଳ ଶାଖାର କର୍ମଚାରୀ ଓ କଳିଙ୍ଗ ଚକ୍ଷୁ ହସ୍ପିଟାଲର ଡାକ୍ତର, ଚକ୍ଷୁ ସହାୟକ ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ଭାରତୀୟ ଜୀବନ ବୀମା ନିଗମ ଗୋଲ୍‌ଡେନ୍ ଜୁବୁଲି ଫାଉଣ୍ଡେଶନ୍‌ର ଏହି ମହତ କାର୍ଯ୍ୟକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଚକ୍ଷୁ ସେବାକୁ ଆହୁରି ଆଗକୁ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଗାଡିଟି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଚକ୍ଷୁରୋଗୀମାନଙ୍କୁ ଭାମ୍ୟମାଣ ଚିକିତ୍ସା ସେବା ଯୋଗାଇ ଦେବ। କଳିଙ୍ଗ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ହେବ ଦୃଷ୍ଟିହୀନତା ଦୂରୀକରଣ ନିମନ୍ତେ ବିଭିନ୍ନ ଆବଶ୍ୟକ ସେବା ଓଡିଶାର ଅନୁଗୋଳ, ଦେବଗଡ, କେନ୍ଦୁଝର, ଯାଜପୁର, କଟକ, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ପହଞ୍ଚାଇ ଆସୁଛି। ବିଶେଷକରି ଜଙ୍ଗଲ ଅଞ୍ଚଳ, ଦୁର୍ଗମ ପାହାଡିଆ ଅଞ୍ଚଳରେ ଥିବା ଆଦିବାସୀ, ହରିଜନ ଓ ଗରିବ ଲୋକମାନଙ୍କୁ ଚକ୍ଷୁ ସେବା ସହଜରେ ଯୋଗାଇ ଦେଉଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

